# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**11 April - 2026**

*************************************

## ମୁଖ୍ୟ ସମ୍ବାଦ

- ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ

– ତିନିଦିନିଆ କେନ୍ଦୁଝର ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ହେଲେ ସାମିଲ

- ମହାନଦୀ ଜଳ ବିବାଦର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦ ତାରିଖରେ

- ରାଜ୍ୟର ସମସ୍ତ କଲେଜରେ ସପ୍ତାହକ ମଧ୍ୟରେ ଗଠନ କରାଯିବ ଆଭ୍ୟନ୍ତରୀଣ ଅଭିଯୋଗ କମିଟି

ଏବଂ

- ରାଜ୍ୟରେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ୧୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

# ମୁଖ୍ୟମନ୍ତ୍ରୀ- କେନ୍ଦୁଝର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ତିନିଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବୋଦାପାଳସା ଚନ୍ଦ୍ରଶେଖର ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ଶତବାର୍ଷିକୀ ସମାରୋହରେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ପାଇଁ ୩ କୋଟି ଟଙ୍କା ଓ ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ପାଇଁ ୧୦ କୋଟି ଟଙ୍କା ଓ ୭ ଏକର ଜମି ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ଶ୍ରୀ ମାଝୀ କହିଛନ୍ତି, ନୂତନ ସରକାରରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଗତ ଦେଢ଼ ବର୍ଷ ମଧ୍ୟରେ ପ୍ରାୟ ୨୦ ହଜାର ଶିକ୍ଷକ ନିଯୁକ୍ତି ଦିଆଯାଇଛି। ଆଗାମୀ ଦିନରେ ଆହୁରି ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି। ୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧ ହଜାର ୯୯୭ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପ୍ରାବଧାନ ରଖାଯାଇଛି। ଯାହା ମୋଟ୍ ବଜେଟ୍‌ରୁ ୧୦ ଦଶମିକ ୩ ପ୍ରତିଶତ। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ୨ ହଜାର ୨୦୦ ପଞ୍ଚାୟତରେ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୂର୍ବାହ୍ନରେ ମୁଖମନ୍ତ୍ରୀ କେନ୍ଦୁଝର ଶ୍ରୀଚନ୍ଦ୍ରଶେଖର ମହାଦେବଙ୍କ ପୂଜାର୍ଚ୍ଚନା କରିଥିଲେ।

Desk

# ଗୋପବନ୍ଧୁ ଯୋଜନା

ରାଜ୍ୟରେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା କାର୍ଯ୍ୟକାରିତାକୁ ଆଜି ଏକ ବର୍ଷ ପୂରଣ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ପୋଷ୍ଟ କରି କହିଛନ୍ତି, ଆୟୁଷ୍ମାନ ଭାରତ, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ସଫଳ ସମନ୍ୱୟ ଓଡ଼ିଶାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିଛି । ରାଜ୍ୟର ନାଗରିକଙ୍କ ପାଇଁ ଏହି ଯୋଜନା କେବଳ ସରକାରୀ ସୁବିଧାରେ ସୀମିତ ନ ରହି ସମସ୍ତଙ୍କ ପାଇଁ ସୁସ୍ଥତାକୁ ସୁନିଶ୍ଚିତ କରୁଛି ।

Desk

# ମହାନଦୀ ଜଳ ବିବାଦ

ମହାନଦୀ ଜଳବିବାଦର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ । ଜଳ ବିବାଦ ସମ୍ପର୍କରେ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ପ୍ରତିକ୍ରିୟା ରଖି କହିଛନ୍ତି, ଜଳବିବାଦ ନେଇ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତା ପରେ ଆଲୋଚନା ହେବ । ମହାନଦୀ ପ୍ରସଙ୍ଗରେ ଯଥେଷ୍ଟ ଅଗ୍ରଗତି ହେବା ସହିତ ଖୁବ୍‌ଶୀଘ୍ର ନିଷ୍କର୍ସ ବାହାରିବ । କ୍ଷେତ୍ର ପରିଦର୍ଶନ ରିପୋର୍ଟକୁ ଶୁଣାଣିରେ ଅର୍ନ୍ତଭୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ୨୦୨୫ ମସିହା ଅଗଷ୍ଟ ମାସ ମଧ୍ୟରେ ଛତିଶଗଡ଼ ଓ ଓଡ଼ିଶା ବୈଷୟିକ ଦଳର ୧୩ଥର ବୈଠକ ଅନୁଷ୍ଠିତ ହୋଇସାରିଛି । ମହାନଦୀରେ ପ୍ରବାହିତ ଜଳର ଆନୁମାନିକ

ରାଶିକୁ ଦୁଇ ରାଜ୍ୟ ହିସାବ ରଖିଛନ୍ତି । ଆପୋଷ ବୁଝାମଣା ନେଇ ଆଲୋଚନା ସଫଳତାର ସହ ଆଗକୁ ବଢ଼ିଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

**- V/O -**

ମୁଖ୍ୟ ସଚିବ ଓ ସଚିବ ସ୍ତରୀୟ ବୈଠକରେ ଅନେକ ବିବାଦୀୟ ପ୍ରସଙ୍ଗରେ ସହମତି ପ୍ରକାଶ ପାଇଛି । ଇବ୍ ଏବଂ ତେଲ ନଦୀରେ ପ୍ରକଳ୍ପ ପ୍ରସ୍ତାବ ସି.ଡବ୍ଲ୍ୟୁ.ସି'ରେ  ବିଚାରାଧୀନ ରହିଛି । ଅନୁମତି ନେଇ ନିର୍ଦ୍ଦେଶ ଦେବାକୁ ପ୍ରାଧିକରଣକୁ ଆଡ୍‌ଭୋକେଟ ଜେନେରାଲ ଅନୁରୋଧ କରିଛନ୍ତି । ମହାନଦୀ ଜଳବିବାଦ ପ୍ରାଧିକରଣର ଅବଧିକୁ ୨୦୨୭ ମସିହା ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି । ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଜଳବିବାଦ ନେଇ ପୂର୍ବରୁ ଆଇନଗତ ଦିଗକୁ ଦୃଷ୍ଟି ଦିଆଯାଉଥିଲା । ବର୍ତ୍ତମାନ ପ୍ରାଧିକରଣ ଆପୋଷ ବୁଝାମଣା ପାଇଁ ଉଦ୍ୟମ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ଦୁଇ ରାଜ୍ୟ ମଧ୍ୟରେ ମହାନଦୀ ଜଳବିବାଦର ସମାଧାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କର ନିର୍ଦ୍ଦେଶ ଅନୁସାରେ କେନ୍ଦ୍ର ସରକାର ୨୦୧୮ ମସିହାରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ କରିଥିଲେ ।

Desk

## ପାନୀୟଜଳ

ରାଜ୍ୟରେ ପାନୀୟ ଜଳ ନିଗମ ଗଠନ ହେବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି । ଆଇ.ଟି. ଓ ଡିଜିଟାଲ ପ୍ଲାଟଫର୍ମ

ସହିତ ନିଗମ କାର୍ଯ୍ୟ କରିବ। ପ୍ରକଳ୍ପର ଦାୟିତ୍ୱ ୫ ବର୍ଷ ପାଇଁ ଏକ ସଂସ୍ଥାକୁ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

**- V/O –**

Desk

## ଆଭ୍ୟନ୍ତରୀଣ ଅଭିଯୋଗ କମିଟି

ରାଜ୍ୟର ସମସ୍ତ କଲେଜରେ ସପ୍ତାହକ ମଧ୍ୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯିବ। ଏ ନେଇ ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କୁ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ  ଚିଠି ମାଧ୍ୟମରେ ଅବଗତ କରାଯାଇଛି। କମିଟି ଗଠନ ହୋଇ ନ ଥିଲେ ୨୦୨୬-୨୭ ବର୍ଷ ପାଇଁ ନାମଲେଖାରେ କଟକଣା ଲାଗିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

BHK/Deogarh

# ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ ପାଳନର ଏକାଦଶ ଦିବସରେ ଆଜି ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ରାଜ୍ୟସ୍ତରୀୟ ଅମୃତପିଢ଼ୀ ସାରସ୍ୱତ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ସମ୍ବନ୍ଧୀୟ ଆଲୋଚନାଚକ୍ରର ଆୟୋଜନ ହେବା ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ୍’ଙ୍କ ଅଧ୍ୟକ୍ଷତାରେ ଅମୃତ ପିଢ଼ି ସାରସ୍ୱତ ସମାରୋହ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୩ ଜଣ କବି ଅଂଶଗ୍ରହଣ କରି କବିତା ପାଠ କରିଥିଲେ।

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ର ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଆ ଅସ୍ମିତା ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

Nuapada

## ଓଡ଼ିଆ ପକ୍ଷ

ନୂଆପଡ଼ା ଜିଲ୍ଲା କଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟକୁ ନୂଆପଡ଼ାର ଅବଦାନ ସମ୍ପର୍କରେ ଦୁହେଲପଡ଼ା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରୁଦ୍ର ବାରିକ ଆଲୋଚନା କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ କୋଶଲୀ କବିତା ସଂକଳନ ‘କୋଶଲ ଶିରୀ’ ଲୋକାର୍ପିତ ହୋଇଥିଲା।

Deogarh

## ଆଦର୍ଶ ଗ୍ରାମ ଯୋଜନା

ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଦେବଗଡ଼ ଜିଲ୍ଲାର ଚାରୋଟି ଗ୍ରାମକୁ ସାମିଲ କରାଯାଇଛି। ବାରକୋଟ ବ୍ଲକର ଅକ୍ଷରଶୀଳା,

ରାଇତାବାହାଲ ଓ ରିଆମାଳ ବ୍ଲକର ସୁନାରୀପଡ଼ା ଓ ଧରମପୁର ଗ୍ରାମକୁ ନୂତନ ଭାବେ ଆଦର୍ଶ ଗ୍ରାମ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇଛି। ପ୍ରତି ଗ୍ରାମ ପାଇଁ  ୪୦ ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚ କରାଯିବାକୁ ସ୍ଥିର ହୋଇଛି। ଯୋଜନା ଅଧୀନରେ ୩୯ ଗୋଟି ପ୍ରକଳ୍ପ ପାଇଁ ୧ କୋଟି ୬୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳକୁ ଅନୁମୋଦନ କରାଯାଇଛି। ଏ ନେଇ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଯାଇଛି।

Nuapada

## ରକ୍ତଦାନ ଶିବିର

ନୂଆପଡ଼ା ଜିଲ୍ଲା ସିନାପାଲୀ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଆୟୋଜନ ନେଇ ପ୍ରସ୍ତୁତି ବୈଠକ ପିଏମ୍‌ଶ୍ରୀ ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୯ ତାରିଖରେ ଆୟୋଜିତ ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ବ୍ଲକ ଶିକ୍ଷା ଅଧିକାରୀ ଯତୀନ୍ଦ୍ର କୁମାର ସେଠ୍ ଆହ୍ୱାନ ଦେଇଥିଲେ। ଆୟୋଜିତ ବୈଠକରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ଅଭିଯାନକୁ ତ୍ୱରାନ୍ୱିତ କରାଯାଇ ପ୍ରତ୍ୟେକ ପରିବାରକୁ ଏଥିରେ ସାମିଲ କରିବା ପାଇଁ ସ୍ଥିର କରାଯାଇଛି।

Nayagarh

## ଗାଁକୁ ଚାଲ ଅଭିଯାନ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ତୃଣମୂଳସ୍ତରରେ ପ୍ରଚାର ପ୍ରସାର ପାଇଁ ଆରମ୍ଭ ହୋଇଛି ଗାଁକୁ ଚାଲ ଅଭିଯାନ। ଏହି କ୍ରମରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକର ସିଂଘାପଡ଼ା

ପଞ୍ଚାୟତର ବୁଢ଼ିଝର, ଟିକରବାରୀ, ନୂଆପାଲି, ସରଣ୍ଡା ଓ ସମ୍ବରବିନ୍ଧାଠାରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଗାଁକୁ ଚାଲ ଅଭିଯାନର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନାର ଲାଭ ଉଠାଇବା ପାଇଁ ଶ୍ରୀ ସ୍ୱାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

Boudh

## ସିଏମ୍ ଟ୍ରଫି

ବୌଦ୍ଧ ଜିଲ୍ଲା ଷ୍ଟାଡିୟମ୍‌ରେ ଆଜି ସି.ଏମ୍.ଟ୍ରଫି ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଫୁଟବଲ ମ୍ୟାଚ୍ ବାଳକ ବିଭାଗରେ ଭି.ଏସ୍.ଏସ୍. ମନୁପାଲ୍ଲୀ ୫-୦ ଗୋଲ୍‌ରେ ବୌଦ୍ଧ ମ୍ୟୁନିସିପାଲଟିକୁ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚ୍‌ରେ ବୌଦ୍ଧ ବ୍ଲକ-ଏ' ୮-୦ ଗୋଲ୍‌ରେ ବୌଦ୍ଧ ମ୍ୟୁନିସିପାଲିଟି-ସି'କୁ ହରାଇଛି।

ବାଳକ ବିଭାଗ କବାଡ଼ି ମ୍ୟାଚ୍‌ରେ ଗମେଣ୍ଟ ଏଚ୍.ଏସ୍. ପୁରୁଣା କଟକ' ପି.ସି.ଏଚ୍.ଏସ୍ ବୁଢ଼ିପଦରକୁ ପରାସ୍ତ କରି ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ ହରଭଙ୍ଗା ସରସରା ଜି.ଏନ୍.ଏଚ୍.ଏସ୍. ଜହ୍ନାପକୁ ପରାସ୍ତ କର ବିଜୟୀ ହୋଇଛି। ଏହି କ୍ରୀଡ଼ା ପ୍ରତିଯୋଗିତା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

Deogarh/Ganjam

## ଖବର ସଂକ୍ଷେପରେ...

ଗଞ୍ଜାମ ଜିଲ୍ଲାରେ ଚାଲିଥିବା ୫ ଦିନିଆ କୃଷି ଯନ୍ତ୍ରପାତି ମେଳା ଆଜି ଉଦ୍‌ଯାପିତ ହୋଇଯାଇଛି। ମେଳାରେ ୪୦ଟି ଷ୍ଟଲ୍ ମାଧମରେ ବିଭିନ୍ନ କୃଷି ଯନ୍ତ୍ରପାତିର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

ଦେବଗଡ଼ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଧ୍ୟକ୍ଷତାରେ ପୋଷଣ ପକ୍ଷ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।

Desk

## ପାଣିପାଗ

ରାଜ୍ୟରେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ପ୍ରବଳ ଗରମ ଗୁଳିଗୁଳି ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ୧୧ଟି ଜିଲ୍ଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।